## ମଧୁର ମାଛ ଚାଷ ବିହନ କେନ୍ଦ୍ରର ଶିଳାନ୍ୟାସ

କାଶୀନଗର,୨।୫-କାଶୀନଗର ବ୍ଲକ ଖାରଡ଼ା ପଞ୍ଚାୟତ ଜୟପୁର ଗ୍ରାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରାୟୋଜିତ ମଧୁର ମାଛ ଚାଷ ବିହନ କେନ୍ଦ୍ରର ଶିଳାନ୍ୟାସ ଗଜପତି ଜିଲା ପରିଷଦ ସଭାପତି ଗାବରା ତିରୁପତି ରାଓଙ୍କ କରକମଳରେ ଶିଳାନ୍ୟାସ କରାଯାଇଥିଲା। ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ, ଗଜପତି ପ୍ରକଳ୍ପ ପ୍ରଶାସକ ମହେଶ୍ୱର ଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ଜିଲା ପରିଷଦ ସଦସ୍ୟା ରକମ ରାଜଲକ୍ଷ୍ମୀ, ବ୍ଲକ ଉପାଧକ୍ଷ, ଖାରଡ଼ା ସରପଞ୍ଚ ଅଖିଳ ଚନ୍ଦ୍ର ପାତ୍ର, ପ୍ରିୟମ୍ବଦା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଦ୍ୟପାନ କରି ଗାଡ଼ି ଚଳାଇବା ମହଙ୍ଗା ପଡ଼ିଲା
## ୧୦୧ ଗିରଫ, ୭୩ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ସୁପାରିଶ

ଛତ୍ରପୁର,୨।୫(ଡି.ଏନ୍.ଏ.):ମଦ୍ୟପାନ କରି ଗାଡି ଚଳାଉଥିବା ଯୋଗୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଜୀବନହାନି ହେଉଛି। ଗଞ୍ଜାମ ଜିଲାରେ ଗାଡି ଚାଳକଙ୍କୁ ମଦ୍ୟପାନ ମହଙ୍ଗା ପଡିଛି। ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରିବା ଲାଗି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏଙ୍କ ନିର୍ଦ୍ଦେଶକ୍ରମେ ଏହି ପୋଲିସ ଜିଲାରେ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ବିଭିନ୍ନ ଥାନା ପୋଲିସ ପକ୍ଷରୁ ରବିବାର ରାତିରେ ଗାଡ଼ି ଚାଳକମାନଙ୍କୁ ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ଗାଡି ଚଳାଉଥିବା ନେଇ ୧୦୧ ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିସହ ୭୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରିବାକୁ ଗଞ୍ଜାମ ଆରଟିଓଙ୍କୁ ପୋଲିସ ପକ୍ଷରୁ ସୁପାରିସ କରାଯାଇଥିବା ସୂଚନା ମିଳିଛି । ଆଗକୁ ଏହି ଯାଞ୍ଚ ଚାଲିବ ବୋଲି କୁହାଯାଇଛି ।

## କାଶୀନଗର ଏନ୍‌ଏସିର ପ୍ରଥମ ଅଧିବେଶନ

କାଶୀନଗର,୨।୫-କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ଅଧିବେଶନ ଏନଏସି ଅଧକ୍ଷା ଏମ. ସୁଧାରାଣୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ା. ସତ୍ୟ ସମ୍ପୂର୍ଣ୍ଣା ରାଉତ ବୈଠକରେ ଏଜେଣ୍ଡା ଉପସ୍ଥାପନ କରିଥିଲେ। ଏନ୍‌ଏସି ଉପାଧକ୍ଷ ରଘୁରାମ ସାହୁ, କାଉନସିଲର କେ.ରାମାରାଓ, ବିଧାୟକ ପ୍ରତିନିଧି କେ. ମୁକୁନ୍ଦ ରାଓଙ୍କ ସହ ସମସ୍ତ କାଉନସିଲର ଓ ଅଧିକାରୀ ଉପସ୍ଥିତ ଥିଲେ। ବୈଠକର ବିବରଣୀ, ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଗଣମାଧମ ପ୍ରତିନିଧିଙ୍କୁ କୌଣସି ସୂଚନା ଦିଆଯାଇନାହିଁ।

## ଅଟୋକୁ ଧକ୍କା ଦେଲା ଟ୍ରକ୍, ଜଣେ ମୃତ

ଗୋପାଳପୁର,୨।୫(ଡି.ଏନ.ଏ.)- ଗୋଳନ୍ଥରା ଥାନା ଅନ୍ତର୍ଗତ ତୁଲୁ ନିକଟରେ ରବିବାର ଟ୍ରକ୍ ସହ ଅଟୋ ଧକ୍କା ହେବାରୁ ଜଣେ ମହିଳା ମାଛ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ସୋରଳ ଗ୍ରାମର ଝୁନୁ ବେହେରା । ଗୁରୁତରମାନେ ହେଲେ ତୁଲୁ ଗ୍ରାମର ଅଟୋ ଚାଳକ ଦଣ୍ଡ ନାୟକ, ସୋରଳ ଗ୍ରାମର ଦମୟନ୍ତୀ ଓଡ଼ିଆ ଓ ଚମ୍ପା ବେହେରା। ଏହି ଥାନା ଅନ୍ତର୍ଗତ ସୋରଳ ଗ୍ରାମର ବଡ଼ ସାହିର ଝୁନୁ, ଦମୟନ୍ତୀ ଓ ଚମ୍ପା ପ୍ରତିଦିନ ତୁଲୁ, ଗୁଣପୁର ଅଞ୍ଚଳରେ ମାଛ ବିକ୍ରି କରିଥାନ୍ତି। ରବିବାର ମଧ୍ୟାହ୍ନରେ ଏକ ଅଟୋ ଯୋଗେ ରଣ୍ଡା ରାସ୍ତା ଦେଇ ସୋରଳ ଗ୍ରାମକୁ ଯାଉଥିବା ବେଳେ ତୁଲୁ ବେରନ୍ଧ ପୋଖରୀ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ ବାଲି ବୋଝେଇ ଟ୍ରକ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ଝୁନୁ, ଦମୟନ୍ତି ଓ ଚମ୍ପା ଚାପି ହୋଇ ରହିଯାଇଥିବା ବେଳେ ଚାଳକ ଦଣ୍ଡ ରାସ୍ତା କଡ଼ରେ ଛିଟିକି ହୋଇ ପଡ଼ିଥିଲେ। ଆମ୍ବୁଲାନ୍ସ ଓ କନିଷ୍ଠି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଦୟମନ୍ତି, ଚମ୍ପା ଓ ଦଣ୍ଡଙ୍କୁ ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସେଠାରେ ଦମୟନ୍ତି ଓ ଦଣ୍ଡଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଝୁନୁଙ୍କ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଝୁନୁଙ୍କ ଭାଇ କୃଷ୍ଣଚନ୍ଦ୍ର ବେହେରାଙ୍କ ଏତଲା କ୍ରମେ ପୋଲିସ ନଂ. ୧୪୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ଘଟଣାଗ୍ରସ୍ତ ଅଟୋ ଓ ଟ୍ରକ୍‌କୁ ପୋଲିସ ନିଜ ହେପାଜତରେ ରଖିଛି।

# କୃତ୍ରିମ ପୋଖରୀରେ ବୁଡ଼ି ଶିଶୁ ମୃତ, ଉତ୍ତେଜନା

## ଡ୍ରେଜିଂ କରି ଖାଲ ପୋତିଲାନି ଆଇଆର୍‌ଇ

ଛତ୍ରପୁର,୨।୫(ଡି.ଏନ୍.ଏ.)


କ୍ଷତିପୂରଣ ଦାବିରେ ଧାରଣା ଦେଇଛନ୍ତି ଗ୍ରାମବାସୀ।

ଆର୍ଯ୍ୟପଲ୍ଲୀଠାରେ ଭାରତୀୟ ବିରଳ ମୃତ୍ତିକା (ଆଇଆରଇ) ପ୍ଲାଣ୍ଟ ପକ୍ଷରୁ ବାଲି ଡ୍ରେଜିଂ ଯୋଗୁ ହୋଇଥିବା କୃତ୍ରିମ ପୋଖରୀରେ ବୁଡ଼ି ରବିବାର ୮ ବର୍ଷୀୟା ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ସେ ହେଲେ ଆର୍ଯ୍ୟପଲ୍ଲୀର ବି. ଲାଚେୟାଙ୍କ ଝିଅ ବି. ସୁଶୀଳା। ସୁଶୀଳା ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଆଇଆଇ ପ୍ଲାଣ୍ଟ ପକ୍ଷରୁ ହୋଇଥିବା ଡ୍ରେଜିଂ ତଥା ବେଆଇନ ପୋଖରୀରେ ବୁଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ପାଣିରୁ ମୃତଦେହ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ବହୁ ଦିନ ଧରି ଏହି ବେଆଇନ ଡ୍ରେଜିଂଗୁଡିକ ପୋତା ଯାଉ ନ ଥିବାରୁ ଏପରି ଘଟୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ କ୍ଷତିପୂରଣ ଓ ଅନ୍ୟାନ୍ୟ ଦାବିରେ ରାତିତମାମ ପ୍ଲାଣ୍ଟ ଗେଟ ସମ୍ମୁଖରେ ପରିବାର ସମେତ ସ୍ଥାନୀୟ ଲୋକେ ଧାରଣାରେ ବସିଥିଲେ। ସୋମବାର ସକାଳେ ଆଲୋଚନା ପରେ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣଙ୍କୁ ନିଯୁକ୍ତି ନେଇ ଆଇଆରଇ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଘଟଣାସ୍ଥଳରେ ଆର୍ଯ୍ୟପଲ୍ଲି ମେରାଇନ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ମାମଲା ରୁଜୁ କରିଛି।

# ବରକୁ ଲୁଟି କନିଆ ଚମ୍ପଟ ଅଭିଯୋଗ

## ନାଟକୀୟ ଢଙ୍ଗରେ ପଡ଼ିଲା ଯବନିକା

ଗୋପାଳପୁର,୨।୫(ଡି.ଏନ.ଏ.)

ଗୋଳନ୍ଥରା ଥାନାଞ୍ଚଳରେ ନିର୍ବନ୍ଧ ପୂର୍ବରୁ ବର ପକ୍ଷରୁ ମିଳିଥିବା ସୁନା ଓ ଟଙ୍କା ଧରି କନ୍ୟାପକ୍ଷ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ସୋମବାର ଏହି ଘଟଣାର ଯବନିକା ପଡ଼ିଛି।

ଏହି ଥାନା ଅନ୍ତର୍ଗତ ରାଳବ ରୋଡ଼ ତୁଳସୀ ବିହାରରେ ଶିଶିର ଷଡ଼ଙ୍ଗୀଙ୍କ ପରିବାର ଏକ ଭଡ଼ାଘରେ ଗତ ୪ ବର୍ଷ ହେଲା ରହି ଆସୁଥିଲେ। ଉକ୍ତ ଘରର ଉପର ମହଲାକୁ ଆସିକା ଅଞ୍ଚଳ ମୁକୁନ୍ଦପୁର ଗ୍ରାମର ଦୁଇ ଭଉଣୀ ଗତ ୮ ମାସ ହେବ ଆସି ଭଡ଼ାରେ ରହିଲେ। ବଡ଼ ଭଉଣୀଙ୍କ ସହ ଶିଶିରଙ୍କ ବିବାହ ସ୍ଥିର ହୋଇଥିଲା। ପରେ ଉଭୟଙ୍କ ପରିବାର ପକ୍ଷରୁ ସହମତି ମିଳିଥିଲା। ଯୁବତୀଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବାରୁ ଅଗ୍ରୀମ ଆକାରରେ ଶିଶିର ଗତ ଅଗଷ୍ଟ ୧୩ରେ ଫୋନ ପେ ମାଧମରେ ୫୦ ହଜାର ଓ ପୁଣି ବାହାଘର ସାମଗ୍ରୀ କିଣିବା ପାଇଁ ଫେବୃଆରୀ ମାସରେ ୫୦ ହଜାର ଟଙ୍କା ଦେଇଥିଲେ। ଏହାପରେ ପୁଣି ଏପ୍ରିଲ ୨୫ରେ ଶିଶିର ୧୩ ଗ୍ରାମ ସୁନାହାର ଓ ୪ ଗ୍ରାମର ସୁନାମୁଦି ଦେଇଥିଲେ। ଏପ୍ରିଲ ୨୬ରେ ଶିଶିର ଓ ଯୁବତୀଙ୍କ ନିର୍ବନ୍ଧ ତାରିଖ ଧାର୍ଯ୍ୟ ହୋଇଥିଲା। ଏହାପୂର୍ବରୁ ଯୁବତୀଙ୍କ ପରିବାର ଶିଶିରଙ୍କୁ କାମର ଆଳଦେଖାଇ ୨୫ ତାରିଖରେ ବାହାରକୁ ଚାଲିଯାଇଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ଶିଶିରଙ୍କ ପରିବାର ଲୋକେ ଫୋନ କରିଥିଲେ ମଧ ରାତିରେ ଫେରିବୁ କହିଥିଲେ। ଏନେଇ ରାତିରେ ଶିଶିର ବାରମ୍ବାର ଫୋନ କରିବା ବେଳେ ଫୋନ ସୁଇଚ ଅଫ ଆସିଥିଲା। ଶିଶିର ନିରାଶା ହେବା ପରେ ଶୁକ୍ରବାର ବ୍ରହ୍ମପୁର ଅତିରିକ୍ତ ଏସପି ଅସୀମ ପଣ୍ଡାଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏ ନେଇ ପୁଣି ଶନିବାର ଗୋଳନ୍ଥରା ଥାନାରେ ଶିଶିର ଲିଖିତ ଅଭିଯୋଗ କରିଥିଲେ। ସୋମବାର ନିର୍ବନ୍ଧ ପାଇଁ ଠିକ୍ ହୋଇଥିବା ଯୁବତୀ ଓ ମା' ଗୋଳନ୍ଥରା ଥାନା ଅଞ୍ଚଳରେ ପହଞ୍ଚିଥିଲେ। ଉକ୍ତ ଯୁବକଙ୍କ ସହିତ ମୋର ବାହା ହେବାର ଇଚ୍ଛା ନଥିଲା। ମୋ ମା' ତାଙ୍କ ଠାରୁ ଏକ ଲକ୍ଷ ଟଙ୍କା ବଦଳରେ ୫୦ ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ଫେରସ୍ତ କରିଦେବୁ ଓ କୌଣସି ସୁନା ଅଳଙ୍କାର ନେଇ ନ ଥିବା ନେଇ ପୋଲିସ ନିକଟରେ ମା ଓ ଯୁବତୀ ବୟାନ ଦେଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଆସିକା,୨।୫(ଡି.ଏନ୍.ଏ.)

ଆସିକା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଅଟୋ ଚାଳକ ପ୍ରଶାନ୍ତ ଗୌଡ। ଅଭିଯୁକ୍ତ ଓ ନାବାଳିକାଙ୍କୁ ବ୍ରହ୍ମପୁରରେ ଡାକ୍ତରୀମାଇନା କରାଯାଇ ଥିଲା। ସୋମବାର ଅପରାହ୍ନରେ ଅଭିଯୁକ୍ତଙ୍କୁ ବ୍ରହ୍ମପୁରସ୍ଥିତ ପୋକ୍‌ସୋ ଅଦାଲତରେ ହାଜର କରାଯାଇଛି । ତାଙ୍କ ବିରୋଧରେ ଆସିକା ଥାନାରେ ନଂ.୨୧୬/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଜଣକ ସଂପୃକ୍ତ ନାବାଳିକାଙ୍କ ମଉସା। ପୀଡିତା ନାବାଳିକା ତାଙ୍କ ଅଜାଘରେ ରହି ପାଠ ପଢୁଥିଲେ। ଅଭିଯୁକ୍ତ ମଧ ପରିବାର ସହ ସେହି ଘରେ ରହୁଥିଲେ । ଏହାର ସୁଯୋଗ ନେଇ ନାବାଳିକାଙ୍କୁ ସେ ଏକାଧିକବାର ବଳାତ୍କାର କରଥିଲେ। ଶେଷରେ ନାବାଳିକା ଜଣକ ଆସିକା ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ଗୋପାଳପୁର,୨।୫(ଡି.ଏନ.ଏ.)

ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଜଣେ ଯୁବକ ଅପହରଣ କରିଥିବା ନେଇ ରବିବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ଅନ୍ତର୍ଗତ ଅଞ୍ଚଳରେ ନାବାଳିକାଙ୍କ ପରିବାର ଲୋକ ରୁହନ୍ତି। ରବିବାର ଘରେ କେହି ନଥିବାର ସୁଯୋଗ ନେଇ ସେହି ଗ୍ରାମର ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ନାବାଳିକାଙ୍କୁ ଅପହରଣ କରି ଚମ୍ପଟ ମାରିଥିଲେ। କିଛି ସମୟ ପରେ ପରିବାର ଲୋକ ଘରକୁ ଆସି ଦେଖିଲା ବେଳେ ଝିଅ ଘରେ ନଥିଲେ। ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ ନ ପାଇବାରୁ ପୋଲିସକୁ ଜଣାଇଥିଲେ। ନଂ .୧୪୧/୨୨ରେ ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଯାଇଛି। ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ପ୍ରଥମ ଥର ସୋରଡ଼ାରୁ ପୁରୀ ଗଲା ରଥକାଠ


ରଥ ନିର୍ମାଣ ଲାଗି କାଠ ନେଉଥିବା ଟ୍ରକ୍‌କୁ ଶୋଭାଯାତ୍ରାରେ ନିଆଯାଉଛି।

ସୋରଡା,୨।୫(ଡି.ଏନ୍.ଏ.)

ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ଦକ୍ଷିଣ ଘୁମୁସର ବନଖଣ୍ଡ ସୋରଡା ବନ ବିଭାଗ ଗାଜଲବାଡି ବନାଞ୍ଚଳରୁ ସୋମବାର ୨ଟି ଟ୍ରକରେ ରଥକାଠ ପୁରୀ ଅଭିମୁଖେ ଯାଇଛି। ରଥ ଲାଗି ପ୍ରଥମ ଥର ପୁରୀକୁ କାଠ ଯାଉଥିବାରୁ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସୋମବାର ସକାଳେ ଗାଜଲବାଡି ପଞ୍ଚାୟତ କର୍ଯ୍ୟାଳୟ ନିକଟରେ ଗ୍ରାମବାସୀ ପୂଜାର୍ଚ୍ଚନା କରି କାଠଗାଡିକୁ ଛାଡିଥିଲେ। ଗାଡି ୨ଟି ସୋରଡା ଆସିବା ପରେ ବରାଡିଠାରେ ବିଭିନ୍ନ ଗ୍ରାମର କୀର୍ତ୍ତନ ଦଳ ସହରରେ ଶୋଭାଯାତ୍ରାରେ ନେଇଥିଲେ। ବିଭିନ୍ନ ସ୍ଥାନରେ ମହିଳାମାନେ ପୂଜାର୍ଚ୍ଚନା କରିବା ସହ ରଥକାଠ ଉପରେ ନୂତନ ବସ୍ତ୍ର ପକାଇଥିଲେ। ପ୍ରାୟ ୩ଘଣ୍ଟା ବିଭିନ୍ନ ବାଦ୍ୟରେ ସହର ପ୍ରକମ୍ପିତ ହୋଇଥିଲା। ଜଗନ୍ନାଥ ମନ୍ଦିର ନିକଟରେ ପରିଚାଳନା କମିଟି ତରଫରୁ ସ୍ୱତନ୍ତ୍ର ପୂଜା କରାଯାଇଥିବା ବେଳେ ଗଣିଛକ ଠାରେ ମୁସଲିମ ସମାଜ ତରଫରୁ ଶୋଭାଯାତ୍ରାକୁ ସ୍ୱାଗତ କରଯାଇଥିଲା। ସେହିପରି ଏନଏସି କାର୍ଯ୍ୟାଳୟ ଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃତିକୃଷ୍ଣ ପାତ୍ର, ବି. ସୀମାଞ୍ଚଳ ମଣ୍ଡଳ, ତହସିଲଦାର ପ୍ରଫୁଲ ଡାକୁଆ ଉପସ୍ଥିତ ରହିଥିଲେ। ଆଇଆଇସି ରମେଶ କୁମାର ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ବିଧାୟକ ପୂର୍ଣ୍ଣଚନ୍ଦ୍ର ସାଇଁ, ଏନଏସି ଅଧକ୍ଷ ଶିବଶଙ୍କର ପଣ୍ଡା, ବରିଷ୍ଠ ନାଗରିକ ଭଗବାନ ପଣ୍ଡାଙ୍କ ସମେତ ଶତାଧିକ ଜନସାଧାରଣ ଶୋଭାଯାତ୍ରାରେ ସାମିଲ ହୋଇଥଲେ।

# ଶ୍ରମ କାର୍ଯ୍ୟାଳୟ ଆଗରେ ଧାରଣା



ଧାରଣା ଦିଆଯାଇଛି ।

ଛତ୍ରପୁର,୨।୫(ଡି.ଏନ୍.ଏ.)

ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଛତ୍ରପୁରସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପରେ ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଶ୍ରମିକଙ୍କ ପଞ୍ଜୀକରଣ ସହ ପ୍ରାପ୍ତି ସ୍ୱୀକାର, ଆବେଦନ କରିଥିବା ଶ୍ରମିକଙ୍କୁ ସହାୟତା ତୁରନ୍ତ ପ୍ରଦାନ, ସହାୟତା ରାଶି ର ଆବେଦନ ର ୬୦ ଦିନ ମଧରେ ପ୍ରଦାନ, କୋଭିଡ ସହାୟତା ପ୍ରଥମ ଓ ଦ୍ୱିତୀୟ କିସ୍ତି ତୁରନ୍ତ ପ୍ରଦାନ, ଦୁରାରୋଗ ସହାୟତା ପ୍ରଦାନ ଆଦି ଦାବି ଉଲ୍ଲେଖ ରହିଛି। ଏଥିରେ ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟିର ସହ ସମ୍ପାଦିକା ପେଦିନୀ ପାର୍ବତୀଙ୍କ ନେତୃତ୍ୱରେ ଅରୁଣ ବେହେରା, ତ୍ରିଲୋଚନ ବେହେରା, ଲକ୍ଷ୍ମୀ ନାୟକ, ପ୍ରମିଳା ସାହୁ, ମହେନ୍ଦ୍ର କୁମାର ସେଠୀ, ଅନୁଛାୟା ଦାଶ, କୃଷକ ନେତା ସୀମାଞ୍ଚଳ ନାହାକ, ଶ୍ରମିକ ନେତା ଇଜୁ ଖାନ, ନିରଞ୍ଜନ ରାଓ ପ୍ରମୁଖ ସାମିଲ ଥିଲେ ।

# ନଟରାଜ କଳାମନ୍ଦିର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

ଫୁଲବାଣୀ ଅଫିସ, ୨।୫

ବିଶ୍ୱ ନୃତ୍ୟ ଦିବସ ଅବସରରେ ଫୁଲବାଣୀ ସଭାଗୃହରେ କନ୍ଧମାଳ ଜିଲାର ସାଂସ୍କୃତିକ ଅନୁଷ୍ଠାନ ନଟରାଜ କଳା ମନ୍ଦିର ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପୌର ପରିଷଦ ଅଧକ୍ଷ ସ୍ମିତାରାଣୀ ମହାନ୍ତି, ଉପ ଜିଲାପାଳ ଶେଷଦେବ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ, ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଂପାଦକ ହରିଶ୍ଚନ୍ଦ୍ର ମହାରଣା, ଏଲ୍‌ଆଇସିର ପ୍ରଶାସନିକ ଅଧିକାରୀ ହରେକୃଷ୍ଣ ପାଢ଼ୀ, ନାରାୟଣୀ ଯାତ୍ରା ପରିଚାଳନା କମିଟିର ସଭାପତି ପି.ସୁଧାଂଶୁ ସେନାପତି, ଗୁରୁ ବିକ୍ରମ ସାମଲ , ଗୁରୁ ଡ଼.ଗଜେନ୍ଦ୍ର ପଣ୍ଡା ଓ ଅମିୟ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୃତ୍ୟ ପରିବେଷଣ କରାଯାଇଥିଲା।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## କଳିଙ୍ଗ ମହିଳା ସଂଘର ଚକ୍ଷୁ ଚିକିତ୍ସା ଶିବିର

ଶେରଗଡ଼,୨।୫(ଡି.ଏନ୍.ଏ.)

ଶେରଗଡ଼ କଳିଙ୍ଗ ବୈଶ୍ୟ ମହିଳା ସଂଘ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ନୂତନ କଳିଙ୍ଗ ବୈଶ୍ୟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୟୁକୋ ଚକ୍ଷୁ ଅନୁଷ୍ଠାନ ବ୍ରହ୍ମପୁରର ଡାକ୍ତରମାନେ ଉପସ୍ଥିତ ରହି ଚକ୍ଷୁ ଚିକିତ୍ସା କରିଥିଲେ। କଳିଙ୍ଗ ବୈଶ୍ୟ ମହିଳା ସଂଘର କର୍ମକର୍ତ୍ତାମାନେ ରୋଗୀଙ୍କୁ ସହଯୋଗ କରିଥିଲେ।

# ଦିଗପହଣ୍ଡି ଥାନା ପରିସୀମାକୁ ନେଇ ଲୋକେ ହନ୍ତସନ୍ତ

ଦିଗପହଣ୍ଡି,୨।୫(ଡି.ଏନ.ଏ.)

ଦିଗପହଣ୍ଡି ଥାନା ପରିସୀମାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବହୁ ସମୟରେ ହନ୍ତସନ୍ତ ହେଉଛନ୍ତି। ଏନେଇ ସୋମବାର ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ଗଞ୍ଜାମ ଜିଲା କାର୍ଯ୍ୟକର୍ତ୍ତା ପରେଶ ଚନ୍ଦ୍ର ରଥ, ଇଂ.ସିପ୍ରା ରାଣୀ ତ୍ରିପାଠୀ, ସୀମାଞ୍ଚଳ ସାସମଲ, ବୁଲୁ ସ୍ୱାମୀ, ଯୋଗେନ୍ଦ୍ର ରେଡ୍ଡୀ, ବିଭୁ ପ୍ରସାଦ ଆଚାରୀ ପ୍ରମୁଖ ଦିଗପହଣ୍ଡି ଥାନାରେ ପହଞ୍ଚି ଆଇଆଇସି ବସନ୍ତ କୁମାର ସେଠୀଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବହୁ ବର୍ଷ ହେଲା ଦିଗପହଣ୍ଡି ବ୍ଲକ ନିମଖଣ୍ଡି ପେଣ୍ଡ, ଚଷା ନିମଖଣ୍ଡି, ଫାସିଗୁଡା, ସହଦେବ ଟିକରପଡା, ଖମାରିଗାଁ ପ୍ରଭୃତି ଅନେକ ପଞ୍ଚାୟତର ଗ୍ରାମ ଗୁଡିକ ଦିଗପହଣ୍ଡି ଥାନା ଅଧୀନରେ ରହିନାହିଁ। ଏସବୁ ପଞ୍ଚାୟତର ଅନେକ ଗାଁ ପାଟପୁର ଥାନା ଏବଂ କେ.ନୂଆଗାଁ ଥାନା ଅଧୀନରେ ରହିଥିବାରୁ ଲୋକେ କୌଣସି ମାମଲାରେ ଏତଲା ଦେବାକୁ ହେଲେ ସୁଦୂର ୨୦/୨୫ କି. ମି ଦୂରରେ ଥିବା ଥାନା ମାନଙ୍କୁ ଯିବାକୁ ପଡୁଛି। ସେହିପରି କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ଅନନ୍ତେଇ, ମହୁଡା, ବନ୍ଥପଲ୍ଲି, ଲଙ୍ଗଳଦେଇ ପଞ୍ଚାୟତର ବହୁସଂଖ୍ୟକ ଗ୍ରାମ ସମେତ ବ୍ରହ୍ମପୁର ସହର ଉପକଣ୍ଠ ଗ୍ରାମ ଗୁଡ଼ିକ ବ୍ରହ୍ମପୁର ସଦର ଥାନା ଅଧିନରେ ନରହି ସେସବୁଦିଗପହଣ୍ଡିଥାନା ଅଧୀନରେ ରହିଛି। ସେସବୁ ଅଞ୍ଚଳରେ କୌଣସି ଅପରାଧିକ କାର୍ଯ୍ୟକଳାପ ଘଟିଲେ ଦିଗପହଣ୍ଡି ଥାନା ପୋଲିସ ପ୍ରାୟ ୨୨ କି. ମି ଦୂର ଅତିକ୍ରମ କରି ପହଞ୍ଚି ତଦନ୍ତ କରିବା ସମୟ ସାପେକ୍ଷ ଏବଂ ସମ୍ପୃକ୍ତ ଅଞ୍ଚଳର ବ୍ୟକ୍ତି ନ୍ୟାୟ ପାଇଁ ଏତଲା ଦେବାକୁ ଦିଗପହଣ୍ଡି ଥାନାକୁ ଆସିବାକୁ ବହୁ ଅସୁବିଧା ହେଉଛି। ଦିଗପହଣ୍ଡି ଅଞ୍ଚଳର ବହୁ ଗାଁ ପାଟପୁର, କେ.ନୂଆଗାଁ ଏବଂ ଦିଗପହଣ୍ଡି ୩ ଟି ଥାନା ପରିସୀମାରେ ରହୁଥିବାରୁ ସେସବୁ ଗାଁ ଗୁଡ଼ିକରେ ସମସ୍ୟା ହେଉଛି। ତେଣୁ ତୁରନ୍ତ ପୋଲିସ ପ୍ରଶାସନ ଏବଂ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସମୁଚିତ ଦୃଷ୍ଟି ଦେଇ ଦିଗପହଣ୍ଡି ପୋଲିସ ଥାନାର ପରିସୀମା ସଂଶୋଧନ ସହ ବ୍ଲକ, ତହସିଲ ପରିସୀମା ଅନୁସାରେ ଥାନା ପରିସୀମା ସଂଶୋଧନ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି।

## ସାପ ଧରି ନାଟକରେ ଅଭିନୟ : ତଦନ୍ତ ଆରମ୍ଭ

ଆସିକା,୨।୫(ଡି.ଏନ୍.ଏ.)

ଆସିକା ବ୍ଲକର ଦେବଭୂମ ପଞ୍ଚାୟତ ଅନ୍ତର୍ଗତ କର୍ପୂରନୂଆଗାଁ ଗ୍ରାମରେ ଗତ ବୁଧବାର ରାତିରେ ଶ୍ରୀରାମ ନବମୀ ଯାତ୍ରା ଉପଲକ୍ଷେ ମଞ୍ଚସ୍ଥ ହୋଇଥିବା ପ୍ରହ୍ଲାଦ ନାଟକରେ ଜଣେ ଅଭିନେତା ବିଷଧର ସାପକୁ ଧରି ବେକରେ ଗୁଡାଇ ନାଟକ ପରିବେଷଣ କରିଥିଲେ । ସୋସିଆଲ ମିଡିଆରେ ଏହି ଦୃଶ୍ୟ ଭାଇରାଲ ହେବା ପରେ ବନବିଭାଗ ପକ୍ଷରୁ ଏହାର ତଦନ୍ତ ଆରମ୍ଭ ହୋଇଛି । ଏଥି ମଧରେ ବିଭାଗୀୟ କର୍ମଚାରୀମାନେ ସଂପୃକ୍ତ ଅଭିନେତାଙ୍କ ବାସଗୃହକୁ ତଲାସି କରି ସେଠାରେ କୌଣସି ସାପକୁ ପାଇନଥିବା ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

## ୧୯୬୮ ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ

ଜଗନ୍ନାଥପ୍ରସାଦ,୨।୫(ଡି.ଏନ.ଏ.)

ଜଗନାଥପ୍ରସାଦ ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟ ତଥା ଯୁଧିଷ୍ଠିର ବିଦ୍ୟାପୀଠରେ ୧୯୬୮ ମାଟ୍ରିକ ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ଛାତ୍ର ପଞ୍ଚାନନ ବେହେରା ଓ ସନତ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଚର ୫୦ ରୁ ଅଧିକ ଛାତ୍ର ଯୋଗଦେଇଥିଲେ । ସ୍ୱର୍ଗତ ଯୁଧିଷ୍ଠିର ପାଣି ଓ ସରକାରଙ୍କ ସହଯୋଗରେ ୧୯୫୪ରେ ଯୁଧିଷ୍ଠିର ବିଦ୍ୟାପୀଠ ସ୍ଥାପନ ହୋଇଥିଲା। ଏହି ବିଦ୍ୟାଳୟରେ ପାଠ ପଢି ଶିକ୍ଷକତା କରିଥିବା ସ୍ୱର୍ଗତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ସୁବାଷ ଚନ୍ଦ୍ର ମହାପାତ୍ର, ଗୋକୁଳ ଚନ୍ଦ୍ର ମହାପାତ୍ର, ରମେଶ ଚନ୍ଦ୍ର ପ୍ରଧାନ, ରାଧାକୃଷ୍ଣ ପଣ୍ଡା, କୃଷ୍ଣ ଚନ୍ଦ୍ର ପାଣି, ସୁବାସ ଚନ୍ଦ୍ର ମହାରଣାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ବ୍ୟାଚର ଛାତ୍ର ନାରାୟଣ ନାୟକ, ଚନ୍ଦ୍ରମଣି ପ୍ରଧାନ, ରାମଚନ୍ଦ୍ର ମହାନ୍ତି, କାଶୀନାଥ ପ୍ରଧାନ, ସୂର୍ଯ୍ୟ ନାରାୟଣ ପ୍ରଧାନ, ଯୋଗେନ୍ଦ୍ର ସାହୁ, ଭୁବନେଶ୍ୱର ପ୍ରଧାନ, ଯୋଗେନ୍ଦ୍ର ବିଶୋଇ, ପ୍ରଦୀପ କୁମାର ଭୂୟାଁ, ଭାସ୍କର ମହାପାତ୍ର, ନିରଞ୍ଜନ ପ୍ରଧାନ, ଲଖମଣ ସେଠୀ, ଶନତ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଶ୍ରମିକ ଦିବସରେ ଶ୍ରମ ଆଇନ ଉଲ୍ଲଂଘନ

ପାରଳାଖେମୁଣ୍ଡି,୨।୫(ଡି.ଏନ୍.ଏ.)


ଶ୍ରମିକ ଦିବସରେ ଜଣେ ମହିଳା କାମ କରୁଛନ୍ତି।

ପାରଳାଖେମୁଣ୍ଡିରେ ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ ହୋଇଯାଇଛି। ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନର ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ ବ୍ଲକର କୁଶଳୀ, ଅଣକୁଶଳୀ ଓ ସଂଗଠିତ, ଅଣସଂଗଠିତ ବହୁ ସଂଖ୍ୟାରେ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ ବିଭିନ୍ନ ବର୍ଗର ଶ୍ରମିକଙ୍କ ପାଇଁ ସାମାଜିକ ନିରାପତ୍ତା ଆଇନ ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶ୍ରମ କାର୍ଡଧାରୀ କାର୍ଯ୍ୟରତ ଅବସ୍ଥାରେ ମୃତ ଶ୍ରମିକଙ୍କ ପରିବାରକୁ ସାନ୍ତ୍ୱନାମୂଳକ ସହାୟତା ରାଶି, ବିବାହ ପ୍ରୋତ୍ସାହନ ରାଶି ଏହିପରି ମୋଟ ୮୫୭ ଜଣ ଶ୍ରମିକଙ୍କୁ ୨ କୋଟିରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥାକୁ ରୋକିବା ପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ହେଲେ ଜିଲାରେ ଏସବୁର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗ୍ରୀଷ୍ମପ୍ରବାହ ଯୋଗୁ ସରକାର ସକାଳୁଆ ଅଫିସ ଓ ଶିକ୍ଷା ଅନୁଷ୍ଠାନ ବନ୍ଦ କରିବା ସହ ଶ୍ରମିକମାନଙ୍କ କାର୍ଯ୍ୟ କରିବାର ସମୟ ମଧ ନିୟନ୍ତ୍ରଣ କରିଛନ୍ତି, କିନ୍ତୁ ଏହାକୁ କୌଣସି ଠିକା ସଂସ୍ଥା ଖାତିର ନକରି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଥିସହ ଶ୍ରମ ଦିବସରେ ବହୁ ସରକାରୀ ଓ ବେସରକାରୀ ସଂସ୍ଥା ଶ୍ରମିକମାନଙ୍କୁ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି। ତା'ହେଲେ ଏହା ଶ୍ରମ ଆଇନର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁମିଳିଛି।

# ଖବରକାଗଜ ବିତରକଙ୍କୁ ପରିଚୟପତ୍ର ବଣ୍ଟନ


ଛତ୍ରପୁରରେ ପରିଚୟପତ୍ର ବଣ୍ଟନ କରାଯାଉଛି ।



ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖବରକାଗଜ ବିତରକମାନେ ।

ଛତ୍ରପୁର,(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ,୨।୫–

ଖବରକାଗଜ ବିତରକମାନଙ୍କୁ ରାଜ୍ୟ ସରକାର ପୂର୍ବରୁ ଅଣସଙ୍ଗଠିତ ଶ୍ରମିକ ଭାବେ ଘୋଷଣା କରିଛନ୍ତି। ଗତ ଡିସେମ୍ବରରେ ସେମାନଙ୍କୁ ଆର୍ଥିକ ସହାୟତା ଓ ସାମାଜିକ ସୁରକ୍ଷା ପ୍ରଦାନ କରିଥିଲେ। ରବିବାର ଛତ୍ରପୁରସ୍ଥିତ ସଂସ୍କୃତି ଭବନ ପରିସରରେ ଶ୍ରମିକ ଦିବସ ପାଳନ ବେଳେ ଜିଲାର ପଞ୍ଜୀକୃତ ଖବରକାଗଜ ବିତରକମାନଙ୍କୁ ପରିଚୟ ପତ୍ର ବଣ୍ଟନ ଶୁଭାରମ୍ଭ କରାଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ସୁବାସ ଚନ୍ଦ୍ର ବେହେରା, ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବଙ୍କ ଉପସ୍ଥିତିରେ ପରିଚୟ ପତ୍ର ବଣ୍ଟାଯାଇଥିଲା। ପର୍ଯ୍ୟାୟକ୍ରମେ ଜିଲାର ପଞ୍ଜୀକୃତ ସମସ୍ତ ବିତରକମାନଙ୍କୁ ସେମାନଙ୍କ ଉପଖଣ୍ଡରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଏହି ପରିଚୟ ପତ୍ର ଦିଆଯିବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କହିଛନ୍ତି । କାର୍ଯ୍ୟକ୍ରମରେ ଛତ୍ରପୁର ଖବରକାଗଜ ବିତରକ ସଂଘର ଉପଦେଷ୍ଟା ପ୍ରଶାନ୍ତ କୁମାର ମହାରଣା, ସଭାପତି କିଶୋର ଚନ୍ଦ୍ର ସେନାପତି, ଉପ ସଭାପତି କେ. ରମେଶ, ସମ୍ପାଦକ ନିରଞ୍ଜନ ଦାଶ ସହଯୋଗ କରିଥିଲେ। ସେହିପରି ବ୍ରହ୍ମପୁର ଖବରକାଗଜ ବିତରକଙ୍କୁ ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲାପାଳ ଭି.କୀର୍ତ୍ତି ୱାସନ ପରିଚୟ ପତ୍ର ବଣ୍ଟନ କରିଛନ୍ତି। ବ୍ରହ୍ମପୁର ଖବରକାଗଜ ବିତରକ ସଂଘ ସଭାପତି ହରିକୃଷ୍ଣ ପାଢ଼ୀ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ଦୋରା, ଉପସଭାପତି ଶଙ୍କର ବେହେରା ପ୍ରମୁଖ ବଣ୍ଟନରେ ସହଯୋଗ କରିଥିଲେ। ସନ୍ତୋଷ ପାଣିଗ୍ରାହୀ, କାମା ଦାଶ, ବି.ଆନନ୍ଦ ରାଓ, ଜନାର୍ଦ୍ଦନ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ସାହୁ ଓ ଦୁର୍ଗା ମାଧବ ପାଣିଗ୍ରାହୀ ପରିଚାଳରେ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ଓ ବିଭାଗୀୟ ବରିଷ୍ଠ କର୍ମଚାରୀ ଲୋକନାଥ ଶତପଥୀ ଉପସ୍ଥିତ ଥିଲେ।

## ପୋଖରୀରୁ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨।୫: ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀ ରବିବାର ଜଗବନ୍ଧୁସାହି ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ଜଣଙ୍କ ସ୍ଥାନୀୟ ଗଣେଶ ନଗରରେ ରହୁଥିବା ପୂର୍ଣ୍ଣ ଭୂୟାଁ(୪୦)। ମୃତଦେହ ଜବତ କରି ପୋଲିସ ନଂ.୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତକଙ୍କ ମୁହଁ ଓ ପାଟି ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ପାଣିରେ ବୁଡ଼ି ଶ୍ୱାସରୁଦ୍ଧ ହୋଇ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଜାତୀୟସ୍ତରୀୟ ମାଷ୍ଟର ଆଥଲେଟ ମିଟ୍-୨୦୨୨ ଗଞ୍ଜାମ ପ୍ରତିଯୋଗୀଙ୍କ ସଫଳତା



ବ୍ରହ୍ମପୁର ଅଫିସ,୨।୫-ମାଷ୍ଟର ଆଥ୍‌ଲେଟ ଫେଡେରେଶନ ଅଫ୍ ଇଣ୍ଡିଆ ଓ ଚେନ୍ନାଇ ଆଥ୍‌ଲେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ନ୍ୟାଶନାଲ ଭେଟେରାନ ମାଷ୍ଟର ଆଥଲେଟ ମିଟ୍-୨୦୨୨ ଏପ୍ରିଲ ୧୭ରୁ ଆରମ୍ଭ ହୋଇ ମେ' ପହିଲାରେ ଶେଷ ହୋଇଛି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୬୦୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଗଞ୍ଜାମ ଜିଲାରୁ ୧୭ ପୁରୁଷ ଓ ୮ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଗଞ୍ଜାମ ପ୍ରତିଯୋଗୀ ସୁରେନ୍ଦ୍ର କୁମାର ପଟ୍ଟନାୟକ ୭୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଜାଭ୍‌ଲିନ ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗୀ ଅରୁଣ କୁମାର ପାତ୍ର ୪୫ ବର୍ଷ ବୟସ ବର୍ଗରେ ୫ କି.ମି.ରେସ୍ ୱାକ୍‌ରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ଓ ଅନ୍ୟ ଜଣେ ପ୍ରତିଯୋଗୀ ବୃନ୍ଦାବନ ସାହୁ ୭୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ତୃତୀୟ ଓ ଲଙ୍ଗଜମ୍ପରେ ଦ୍ୱିତୀୟ ସ୍ଥାନ ଅଧିକାର କରି କାଂସ୍ୟ ଏବଂ ରୌପ୍ୟ ପଦକ ହାସଲ କରିଛନ୍ତି।

### ବ୍ରହ୍ମପୁର ସହରରେ କଳା ପଲସର ଆତଙ୍କ
### ମହିଳାଙ୍କ ବେକରୁ ସୁନା ଚେନ ଲୁଟ

ବ୍ରହ୍ମପୁର ଅଫିସ,୨।୫-ବ୍ରହ୍ମପୁର ସହରରେ ଏବେ ଚୋରି, ଲୁଟ୍ ଓ ହତ୍ୟା ଉଦ୍ୟମ ଭଳି ଘଟଣା ଦିନକୁ ଦିନ ବଢ଼ିବା ଫଳରେ ଧୀରେ ଧୀରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଏହି ଧାରାରେ ବୈଦ୍ୟନାଥପୁର ଥାନା ନିକଟରେ ଥିବା ଆର୍‌ଡିସି, ଏସ୍‌ପି, ସବ୍‌କଲେକ୍ଟର ରହୁଥିବା(ଭିଆଇପି) ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ସେହି ରାସ୍ତା ଦେଇ ଘରକୁ ଚାଲି ଚାଲି ଯାଉଥିବା ଜନୈକା ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ୨ ଭରି ଓଜନର ସୁନାଚେନ ଦିବାଲୋକରେ ଝାମ୍ପି ନେଇଛନ୍ତି, ଯାହା ପୋଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରାଙ୍କୁ କାବୁ କରିବାକୁ ଉଦ୍ୟମ କରୁଛି।

ପ୍ରକାଶ ଯେ, ପିଏଚ୍‌ଡି କ୍ୱାର୍ଟର୍ସରେ ରହୁଥିବା ଜନୈକା ମହିଳା ଜାନକୀ ଦଳାଇ ରବିବାର ନିକଟସ୍ଥ ଭେଣ୍ଡିଂ ଜୋନ୍‌ରୁ ପରିବା କିଣି ଘରକୁ ଚାଲି ଚାଲି ଫେରୁଥିଲା। ଏକ କଳା ପଲ୍‌ସରରେ ଦୁଇଜଣ ଯୁବକ ଆସି ପ୍ରଥମେ ମହିଳାଙ୍କୁ ଧକ୍କା ମାରିଥିଲେ। ସେ ତଳେ ପଡିଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ସୁନାହାର ଧରି ଚମ୍ପଟ ମାରିଛନ୍ତି। ପୋଲିସ ଉଚ୍ଚ ପଦାଧିକାରୀ ଓ ପ୍ରଶାସନିକ ଅଧିକାରୀ ରହୁଥିବା ଅଞ୍ଚଳରେ ଲୁଟେରାଙ୍କ ଏଭଳି କାଣ୍ଡ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଅଞ୍ଚଳରେ ପୋଲିସର ଢିଲା ପାଟ୍ରୋଲିଂ ଯୋଗୁ ଏଭଳି ଘଟଣା ଘଟୁଥିବା କୁହାଯାଉଛି। ବୈଦ୍ୟନାଥପୁର ପୋଲିସ ନଂ.୧୨୪/୨୨ରେ ଏକ ମାମଲା ରୁଜୁ କରି ଲୁଟେରାଙ୍କୁ ଧରିବା ପାଇଁ ଯୋଜନା ଚଳାଇଛି।

# ଭାଜପା କର୍ପୋରେଟର ପ୍ରାର୍ଥୀଙ୍କୁ ମରଣାନ୍ତକ ଆକ୍ରମଣ

## ନିର୍ବାଚନ ପରବର୍ତ୍ତୀ ହିଂସା

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁର ପୋଲିସ ଜିଲାରେ ନିର୍ବାଚନୀ ପରବର୍ତ୍ତୀ ହିଂସା ଥମିବାର ନାଁ ନେଉନାହିଁ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ପୁଣି ଜଣେ ଭାଜପା କର୍ପୋରେଟର ପ୍ରାର୍ଥୀଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ନଂ. ୧୬୬/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ପୋଲିସ କହିଛି। ଘଟଣା ପରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲା ସଭାପତି ଅନ୍ୟ ଦୁଇଜଣ ଭାଜପା କର୍ପୋରେଟରଙ୍କ ସହ ଏମ୍‌କେସିଜି ମେଡିକାଲକୁ ଯାଇ ଗୁରୁତର କର୍ପୋରେଟର ପ୍ରାର୍ଥୀ ଆନନ୍ଦ ମହାଙ୍କୁଡଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବିଏମ୍‌ସିର ପରାଜିତ ଭାଜପା କର୍ପୋରେଟର ପ୍ରାର୍ଥୀଙ୍କ ଉପରେ ବାରମ୍ବାର ଆକ୍ରମଣ ହେଉଥିବା ଘଟଣାର ସେ ତୀବ୍ର ନିନ୍ଦା କରିଛନ୍ତି। ଅଭିଯୁକ୍ତମାନେ ଶାସକ ଦଳର ହୋଇଥିବା ବେଳେ ସେମାନଙ୍କୁ ହାତ ମାରିବାକୁ ପୋଲିସ ଡରୁଛି ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରା ନ ଗଲେ ଦଳ ପକ୍ଷରୁ ଆଗାମୀ ଦିନରେ ବଡ଼ ଜନ ଆନ୍ଦୋଳନ କରାଯିବ ବୋଲି ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଆନନ୍ଦ ଗୌଡ଼ ଗତ ପୌର ନିର୍ବାଚନରେ ବ୍ରହ୍ମପୁର ମହାନଗର ନିଗମର ୧୮ନଂ. ୱାର୍ଡ ଭାଜପା କର୍ପୋରେଟର ପ୍ରାର୍ଥୀ ଥିବା ବେଳେ ସେ ପରାଜିତ ହୋଇଥିଲେ। ଗତ ୧ ତାରିଖ ରାତି ପ୍ରାୟ ୧୨ଟାରେ ଶ୍ରୀରାମ ନଗର ନିକଟସ୍ଥ ଆଦର୍ଶ ମାର୍ଗରୁ ସାଇ ନଗରକୁ ସେ ଯାଉଥିଲେ। ଏହି ସମୟରେ ତାଙ୍କୁ ଦୁଇଜଣ ଯୁବକ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଆନନ୍ଦଙ୍କ ମୁହଁ ଓ ଶରୀରର ବିଭିନ୍ନ ଜାଗାରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସେ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପଟେ ଗତ ପୌର ନିର୍ବାଚନ ବେଳେ ଲାଗିରହିଥିବା ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ଏଭଳି ଆକ୍ରମଣ କରାଯାଇଥିବା ଆନନ୍ଦ ଅଭିଯୋଗ କରିଛନ୍ତି।

# ଏମ୍‌କେସିଜି ପ୍ରଶାସନିକ କୋଠାରେ ଅଗ୍ନିକାଣ୍ଡ

## ଫାଇଲ, ଆସବାବପତ୍ର ପୋଡ଼ି ପାଉଁଶ

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ପ୍ରଶାସନିକ କୋଠାରେ ସୋମବାର ଭୋରୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ମେଡିକାଲ କଲେଜ ପରିସରରେ ପ୍ରବଳ ଧୂଆଁ ଭର୍ତ୍ତି ହୋଇଯାଇଥିଲା। ଏହା ଦେଖି ମେଡିକାଲ କଲେଜରେ ରହୁଥିବା ନୀଳକଣ୍ଠ ରାଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ଅଧକ୍ଷଙ୍କ କୋଠରି ନିକଟ ଏଷ୍ଟାବ୍ଲିଶ୍‌ମେଣ୍ଟ ବିଭାଗରେ ନିଆଁ ଲାଗି କିଛି ଫାଇଲ ଓ ଆସବାବପତ୍ର ପୋଡ଼ିଯାଇଛି। କାନ୍ଥରେ ଲାଗିଥିବା ଏକ ଫ୍ୟାନ୍ ସମ୍ପୂର୍ଣ୍ଣ ଜଳି ନଷ୍ଟ ହୋଇ ତଳେ ପଡ଼ିଥିବା ବେଳେ ସେଥିରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ଓ ଦରକାରୀ ଫାଇଲ ନଷ୍ଟ ହୋଇଯାଇଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।



ନିଆଁକୁ ଆୟତ୍ତ କରାଯାଉଛି।

# ୧୨ ଦଫା ଦାବି ନେଇ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୨।୫

ଓଡିଶା ନିର୍ମାଣ ଶ୍ରମିକ ସଂଘ ଗଞ୍ଜାମ ଜିଲା କମିଟି ପକ୍ଷରୁ ୧୨ ଦଫା ଦାବି ନେଇ ସୋମବାର ବ୍ରହ୍ମପୁର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ପଞ୍ଜୀକରଣ ସମେତ ସମସ୍ତ ଆବେଦନର ପ୍ରାପ୍ତି ସ୍ୱୀକାର ରସିଦ ପ୍ରଦାନ, ବୋର୍ଡ ଓ ୱେବ୍ ସାଇଟ ଏବଂ ଜିଲା ଶ୍ରମ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଅପଡେଟ ତଥ୍ୟ ଉପଲବ୍ଧ, କୋଭିଡ୍ ସହାୟତା ପ୍ରଥମ ଓ ୨ୟ କିସ୍ତି ୧୫ଶହ ଟଙ୍କା ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପ୍ରଦାନ, ଦୁର୍ଘଟଣା ଓ ଦୂରାରୋଗ୍ୟ ଚିକିତ୍ସା ସହାୟତା, ମୃତ୍ୟୁକାଳୀନ, ବିବାହ, ଶିକ୍ଷା ପାଇଁ ସହାୟତା, ଶ୍ରମିକଙ୍କୁ ସାଇକେଲ, ନିରାପତ୍ତା କାର୍ଯ୍ୟ କରିବା ଉପକରଣ ଓ ନିର୍ମାଣ ଶ୍ରମିକ ଆବାସ ଅଲିଖିତ ଭାବେ ବନ୍ଦ ପ୍ରସ୍ତାବକୁ ପ୍ରତ୍ୟାହାର ଭଳି ବିଭିନ୍ନ ଦାବି ସମୂହକୁ ନେଇ ସଂଘ ପକ୍ଷରୁ ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ରଙ୍କୁ ସ୍ମାରକ ପତ୍ର ପ୍ରଦାନ ସହ ଆଲୋଚନା କରାଯାଇଥିଲା। ଏଥିରେ ଓଡିଶା ନିର୍ମାଣ ଶ୍ରମିକ ସଂଘ ଜିଲା ସଭାପତି ଶଙ୍କର ସାହୁ, ଟିୟୁସିଆଇ ରାଜ୍ୟ କମିଟି ସଦସ୍ୟ ପି.ଯୋଗେନ୍ଦ୍ର, ସ୍ୱାସ୍ଥ୍ୟ ଅଧିକାରୀ ଆନ୍ଦୋଳନ ନେତା ଅବନୀ ଗୟା, ଓଡିଶା ନିର୍ମାଣ ଶ୍ରମିକ ସଂଘ ଟାଉନ କମିଟି ନେତା ମନୋଜ ଚୌଧୁରୀ, କୁକୁଡାଖଣ୍ଡି ବ୍ଲକ ନେତା ବି.ବୁଦ୍ଧିଆ, ମହେଶ୍ୱରୀ ଦାଶ, ଗଙ୍ଗା ଦାଶ, ଜ୍ୟୋତି ଦାଶ, ସୌଭାଗ୍ୟ ନାହାକ, ସୌଦା ପ୍ରଧାନ ଓ ଜ୍ୟୋତି ପ୍ରଧାନ ଉପସ୍ଥିତ ଥିଲେ।




ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।




# ବାମପନ୍ଥୀ ସହ ଏକାଠି ହେଲାନି ଆଇଏନଟିୟୁସି

## ବ୍ରହ୍ମପୁରରେ ଶ୍ରମିକ ଦିବସ ପାଳିତ

ବ୍ରହ୍ମପୁର ଅଫିସ,୨।୫

ବ୍ରହ୍ମପୁରରେ ମେ ପହିଲା ବିଶ୍ୱ ଶ୍ରମିକ ଦିବସ ବିଭିନ୍ନ ସଂଗଠନ ପକ୍ଷରୁ ପାଳିତ ହୋଇଯାଇଛି। ତେବେ ଏଥର ବାମପନ୍ଥୀ ଶ୍ରମିକ ସଂଗଠନ ସହ କଂଗ୍ରେସର ଆଇଏନ୍‌ଟିୟୁସି ଏକାଠି ହୋଇନଥିବା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲା ସଭାପତି ପୀତବାସ ପଣ୍ଡାଙ୍କ ଅଭିଯୋଗ ପ୍ରକାରେ ବାମପନ୍ଥୀ ଶ୍ରମିକ ସଂଗଠନ ପକ୍ଷରୁ ସମନ୍ୱୟ ରଖାଯାଉନଥିବାରୁ ଦୂରେଇ ହେବାକୁ ବାଧ୍ୟ ହୋଇଛି। ପ୍ରତିକ୍ରିୟାରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁ ଏବଂ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ପ୍ରତିକ୍ରିୟାରେ କହିଛନ୍ତି, ଆଇଏନ୍‌ଟିୟୁସି ନେତାଙ୍କ ମଧ୍ୟରେ ମତଭେଦ ଥିବାରୁ ଏହା ଘଟିଛି।

ଶ୍ରମିକ ଦିବସରେ ସିଟୁ ପକ୍ଷରୁ ରାଲି ବାହାରି ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ସଭାସ୍ଥଳକୁ ଆସିଥିଲା। ସେହିପରି ଏଆଇଟିୟୁସି ଶୋଭାଯାତ୍ରା ଆସି ଏକାଠି ହୋଇଥିଲା। ପ୍ରତିକୂଳ ପାଗ ଯୋଗୁ ଶ୍ରମିକ ସଂଖ୍ୟା କମ ଥିଲା। ସିପିଏମ ଜିଲା ସମ୍ପାଦକ ଯୁଧିଷ୍ଠିର, ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର, ଏଆଇଟିୟୁସି ନେତା ଅଳକ ନାଥ ମିଶ୍ର, ଏଚଏମ୍‌ଏସର ରାଜେନ୍ଦ୍ର ଦାସ ଏବଂ ଏଆଇୟୁଟିସି ନେତା ସୋମନାଥ ବେହେରା ପ୍ରମୁଖ ଭାଷଣ ଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦି ସରକାରଙ୍କ କର୍ପୋରେଟ ହାଉସ୍ ପ୍ରେମର କଡ଼ା ସମାଲୋଚନା କରାଯାଇଥିଲା।

ଦେଶବାସୀ ତଥା ଶ୍ରମିକଙ୍କ ସ୍ୱାର୍ଥ ଅପେକ୍ଷା ଦେଶର ପ୍ରମୁଖ ଶିଳ୍ପପତିମାନଙ୍କ ସମ୍ପତ୍ତି ବଢ଼ାଇବା କେନ୍ଦ୍ର ସରକାରଙ୍କ ମୂଳମନ୍ତ୍ର ହୋଇଥିବା ଅଭିଯୋଗ ହୋଇଥିଲା। ଏହାର ପ୍ରତିବାଦ ଲାଗି ଶ୍ରମିକ ସମାଜ ଐକ୍ୟବଦ୍ଧ ହୋଇ ସଂଗ୍ରାମ ଚଳାଇବାକୁ ଆହ୍ୱାନ ଦିଆଯାଇଥିଲା। ଜୀବନ ବୀମା ନିଗମର ସୁରକ୍ଷା ନିମନ୍ତେ ଆସନ୍ତା ୪ ତାରିଖରେ ସବୁଠି ଆନ୍ଦୋଳନ ହେବ ଏବଂ ଏଲଆଇସି ଅଫିସଗୁଡ଼ିକ ଆଗରେ ବିକ୍ଷୋଭ କରାଯିବାର ସଭାରେ ଘୋଷଣା କରାଯାଇଥିଲା। ଘରୋଇ ବସ୍ କର୍ମଚାରୀ ସଂଘ ପକ୍ଷରୁ ମଧ୍ୟ ସିଟି ବସ୍‌ଷ୍ଟାଣ୍ଡ ପରିସରରେ ମେ ଡେ ଯଥା ରୀତି ପାଳନ କରାଯାଇଥିଲା। ସଭାପତି ବିପିନ ବିହାରୀ ଦାସ ଅଧ୍ୟକ୍ଷତା କରିଥିଲେ।




# ଜାତୀୟ ଶିକ୍ଷାନୀତି ବିରୋଧରେ ଏଆଇଡିଏସ୍‌ଓର ଦସ୍ତଖତ ସଂଗ୍ରହ




ସଂଘ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ।

ବ୍ରହ୍ମପୁର ଅଫିସ,୨।୫

ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରଦାୟୀକରଣ ଓ ଜାତୀୟ ଶିକ୍ଷାନୀତି-୨୦୨୦ ବିରୋଧରେ ଅଲ ଇଣ୍ଡିଆ ଡିଏସ୍‌ଓ ଗଞ୍ଜାମ ଜିଲା କମିଟି ପକ୍ଷରୁ ସୋମବାର ବ୍ରହ୍ମପୁରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ସଂଘ ପକ୍ଷରୁ କୁହାଯାଇଛି, ଏହି ଶିକ୍ଷାନୀତି ଦ୍ୱାରା ଏକାଡେମିକ ଓ ପ୍ରଶାସନିକ କେନ୍ଦ୍ରୀକରଣ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ଶିକ୍ଷାର ପ୍ରକୃତ ନିର୍ଯାସକୁ ନଷ୍ଟ କରି ବିଶ୍ୱ ବଜାରରେ ଶିକ୍ଷାକୁ ଏକ ଲାଭଦାୟକ ପଣ୍ୟରେ ପରିଣତ କରିବା। ସେହିଭଳି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ଲାଗୁ କରିବା, ଅଯୌକ୍ତିକ ଭାଷାନୀତି, ନବମ ଶ୍ରେଣୀରୁ ସେମିଷ୍ଟର ବ୍ୟବସ୍ଥା, ଏକାଧିକ ପ୍ରବେଶ, ପ୍ରସ୍ଥାନ ଏବଂ ଏକାଡେମିକ ବ୍ୟାଙ୍କ ଅଫ୍ କ୍ରେଡିଟ୍ ଆମ ଦେଶରେ ବିଦ୍ୟମାନ ଥିବା ସାମଗ୍ରିକ ଶିକ୍ଷା ଅଧ୍ୟୟନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବ। ଏହା ବ୍ୟତୀତ ପ୍ରାଚୀନ ଭାରତୀୟ ଜ୍ଞାନ ବ୍ୟବସ୍ଥା ନାମରେ ଏହି ଶିକ୍ଷାନୀତି ଇତିହାସ ଏବଂ ବିଜ୍ଞାନକୁ ବିକୃତ କରି ଶିକ୍ଷାକ୍ଷେତ୍ରରେ ଅବୈଜ୍ଞାନିକ, ବିଭାଜନକାରୀ ଓ ସାମ୍ପ୍ରଦାୟିକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ବୋଲି ସଂଘ କହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, କେନ୍ଦ୍ରୀକରଣ, ଧନ୍ଦାଭିମୁଖୀକରଣ ଏବଂ ସାମ୍ପ୍ରଦାୟୀକରଣର ନୀଳନକ୍ସା ବୋଲି ସଂଘ ଅଭିଯୋଗ କରିଛି। ଏଣୁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁରକ୍ଷିତ କରିବା ପାଇଁ ଜାତୀୟ ଶିକ୍ଷାନୀତି-୨୦୨୦ ବିରୋଧରେ ଆନ୍ଦୋଳନ ଲାଗି ଏଆଇଡିଏସ୍‌ଓ ସର୍ବଭାରତୀୟ କମିଟି ଉଦ୍ୟୋଗରେ ମେ' ୧ରୁ ୧୮ ସେପ୍ଟେମ୍ବର ଭଗତ ସିଂଙ୍କ ଜୟନ୍ତୀ ପର୍ଯ୍ୟନ୍ତ ୧୫୦ ଦିନ ମଧ୍ୟରେ ୧ କୋଟି ଦସ୍ତଖତ ସଂଗ୍ରହ ଅଭିଯାନର ଆରମ୍ଭ କରିଛି। ସୋମବାର ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ଓ ସାହିତ୍ୟିକା ଡା.ବିଧୁପ୍ରଭା ରଥ, ଅଲ ଇଣ୍ଡିଆ ଡିଏସ୍‌ଓର ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସମ୍ପାଦକ ନିମାଇଁ ଚରଣ ସାହୁଙ୍କ ସମେତ ନାରାୟଣ ସାହୁ, ପପୁନ ସାହୁ, କିଷାନ ସାହୁ, କାମରାଜ ସାହୁ, ଶୁଭସ୍ମିତା ପାଣିଗ୍ରାହୀ ଓ ଅଲିଭା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

